# NATIONAL NEWS BULLETIN (ODIA)

## 5 July 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ୍ ନିର୍ମାତା ଭାବେ ଭାରତ ପ୍ରତିଷ୍ଠାଲାଭ କରିଛି - କହିଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତା ୨୦ରୁ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ସଂସଦର ମୌସୁମୀ ଅଧିବେଶନ ।
- ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଜିଠାରୁ ୪ ରାଷ୍ଟ୍ର ଗସ୍ତ ଆରମ୍ଭ ।
- ଜୈବ ଇନ୍ଧନ ମିଶ୍ରଣ କ୍ଷେତ୍ରରେ ଗଠନମୂଳକ ପରାମର୍ଶକୁ ସରକାର ବିଚାର କରିବେ କହିଲେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ।

ଏବଂ

- ମଞ୍ଚେଷ୍ଟର ଟି-୨୦ ପୁରୁଷବର୍ଗ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ପିଏମ୍– ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସଂଧ୍ୟାରେ ଗୁଜୁରାଟର ସାନନ୍ଦଠାରେ ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଶକୁ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ୍ ନିର୍ମାତା ଭାବେ ପ୍ରତିଷ୍ଠା କରିପାରିଛି । ସାନନ୍ଦଠାରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ଲାଣ୍ଟ ଘରୋଇ କ୍ଷେତ୍ରରେ ଚିପ୍ ଉତ୍ପାଦନ ଇକୋସିଷ୍ଟମକୁ ମଜଭୁତ କରିବା ସହ ଆତ୍ମନିର୍ଭରଶୀଳତା ଅଭିଯାନକୁ ଅଧିକ ସଶକ୍ତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ପ୍ରକଳ୍ପ ଏକ ଉଦୀୟମାନ ବିଶ୍ୱ ଅର୍ଦ୍ଧପରିବାହୀ କ୍ଲଷ୍ଟର ଭାବେ ଉଭା ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ବିକଶିତ ଭାରତ ରୋଡ଼ମ୍ୟାପ୍ ଏବଂ ମେକ୍ ଇନ୍ ଇଣ୍ଡିଆର ଏହା ଦ୍ୱିତୀୟ ପର୍ଯ୍ୟାୟ ପଦକ୍ଷେପ ବୋଲି ଶ୍ରୀ ମୋଦୀ କହିଛନ୍ତି...

**V/O (PM on Semi conductor)**

କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପ୍ରମୁଖ ଯୋଗ ଦେଇଥିଲେ ।

## ମନସୁନ୍ ସେସନ୍ସ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏହି ଅଧିବେଶନ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଏହି ଅଧିବେଶନ ସମ୍ପର୍କିତ ପ୍ରସ୍ତାବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏହି ଅଧିବେଶନରେ ଜାତୀୟ ଗୁରୁତ୍ୱବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ବିତର୍କ, ଆଲୋଚନା ଏବଂ ନିଷ୍ପତ୍ତି ନିଆଯିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି।

## ପିଏମ୍-ଇଣ୍ଡୋନେସିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ୬ ଦିନିଆ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୱୋ ସୁବିଆଣ୍ଟୋଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ପ୍ରଥମ ପର୍ଯ୍ୟାୟରେ ୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତ

କରିବେ । ଶ୍ରୀ ମୋଦୀଙ୍କର ଇଣ୍ଡୋନେସିଆକୁ ଏହା ହେବ ଚତୁର୍ଥ ଗସ୍ତ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ' ରାଷ୍ଟ୍ରପତି ସୁବିଆଣ୍ଟୋଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଜାକର୍ତ୍ତାଠାରେ ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ ସମାବେଶକୁ ସମ୍ବୋଧନ କରିବେ । ଆକାଶବାଣୀ ସହ ଆଲୋଚନା କାଳରେ ଇଣ୍ଡିଆ କ୍ଲବ ଅଫ୍ ଜାକର୍ତ୍ତାର ସଭାପତି ସିଦ୍ଧାର୍ଥ ତାପାଡିୟା ଦୁଇଦେଶ ମଧ୍ୟରେ ଦୃଢ଼ ବନ୍ଧୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଭାରତ ଏବଂ ଇଣ୍ଡୋନେସିଆ ଦ୍ରୁତ ପ୍ରଗତିଶୀଳ ଅର୍ଥନୈତିକ ରାଷ୍ଟ୍ରଭାବେ ଆଗକୁ ବଢୁଥିବା ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଇଣ୍ଡୋନେସିଆର ବିଭିନ୍ନ ସ୍ଥାନରୁ ପ୍ରବାସୀ ଭାରତୀୟ ଏକତ୍ରିତ ହୋଇଛନ୍ତି ବୋଲି ଶ୍ରୀ ତାପଡିଆ କହିଛନ୍ତି ।

## ଜୟଶଙ୍କର ସିକ୍ସ ନେସନ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜିଠାରୁ ୪ଟି ରାଷ୍ଟ୍ରକୁ ଗସ୍ତରେ ଯିବେ । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ କାତାର, ବାହାରିନ୍, କ୍ୱେତ୍ ଏବଂ ଓମାନକୁ ଗସ୍ତ କରିବାର କାର୍ଯ୍ୟସୂଚୀ ସ୍ଥିର

ହୋଇଛି । ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କ ପ୍ରତିପକ୍ଷ ଏବଂ ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଏହି ୪ଟି ରାଷ୍ଟ୍ର ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଡକ୍ଟର ଜୟଶଙ୍କରଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଆଞ୍ଚଳିକ ତଥା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ଡକ୍ଟର ଜୟଶଙ୍କର ଏହି ଗସ୍ତ ଅବସରରେ ଆଲୋଚନା କରିବାର ସମ୍ଭାବନା ରହିଛି । ଓମାନ ଗସ୍ତ ପରେ ଡକ୍ଟର ଜୟଶଙ୍କର ଆସନ୍ତା ୧୩ ତାରିଖରେ ନ୍ୟୁୟର୍କ ଗସ୍ତରେ ଯାଇ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟାଳୟରେ ଆସନ୍ତା ୨୦୨୮-୨୯ ବର୍ଷ ପାଇଁ ଭାରତର ଆନୁଷ୍ଠାନିକ ଉପସ୍ଥିତି ନେଇ ପଦକ୍ଷେପ ଗ୍ରହଣ କରିବେ । ଏହାପରେ ଡକ୍ଟର ଜୟଶଙ୍କର ଭାରତ ୟୁରୋପୀୟ ସଂଘ, ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ବୈଠକରେ ଯୋଗଦେବା ସହ ଆସନ୍ତା ୧୪ ଏବଂ ୧୫ ତାରିଖରେ ବ୍ରସେଲ୍ସଠାରେ ୟୁରୋପୀୟ ସଂଘ ଓ ବେଲଜିଆନ ପ୍ରତିପକ୍ଷଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ପୁରୀ ଇଥାନଲ

ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଇଥାନଲ ଏକ ନୂତନ ଚିନ୍ତାଧାରା ନୁହେଁ ବରଂ ଏହା ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବ୍ୟବହୃତ ହୋଇ ଆସୁଛି । ରାଜସ୍ଥାନରେ ଏକ ସମାବେଶକୁ ସମ୍ବୋଧନ କରି ଶ୍ରୀ ପୁରୀ କହିଛନ୍ତି ଜୈବ ଇନ୍ଧନ ମିଶ୍ରଣ କାର୍ଯ୍ୟକ୍ରମର ଗଠନମୂଳକ ସମାଲୋଚନାକୁ ସରକାର ସ୍ୱାଗତ କରନ୍ତି । ଏ କ୍ଷେତ୍ରରେ ପ୍ରଦତ୍ତ ପରାମର୍ଶ ଗୁଡ଼ିକୁ ବିଚାରକୁ ନେଇ ଆବଶ୍ୟକ ସଂଶୋଧନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ପୁରୀ କହିଛନ୍ତି । ଦେଶରେ ଇଥାନଲ ମିଶ୍ରଣର ଚିନ୍ତାଧାରା ପ୍ରଥମେ ପୂର୍ବ କଂଗ୍ରେସ ନେତୃତ୍ୱାଧୀନ ସରକାରଙ୍କ ସମୟରେ ଆରମ୍ଭ ହୋଇଥିଲା ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି । ୨୦୦୬ରୁ ୨୦୦୮ ମଧ୍ୟରେ ବ୍ରାଜିଲରେ ଭାରତରେ ରାଷ୍ଟ୍ରଦୂତ ଭାବେ ତାଙ୍କ କାର୍ଯ୍ୟକାଳ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ୫ ପ୍ରତିଶତ ଇଥାନଲ ମିଶ୍ରଣର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସେତେବେଳେ କେବଳ ୧ ଦଶମିକ ୪ ପ୍ରତିଶତ ମିଶ୍ରଣ କରାଯାଇଥିଲା ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ।

**V/O (Herdeep Singh Puri)**

ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ବୈଜ୍ଞାନିକ ଗବେଷଣା ଆଧାରରେ କାର୍ଯ୍ୟକାରୀ କରାଯାଇଛି ବୋଲି ଶିଳ୍ପ ବିଶେଷଜ୍ଞ କହିଛନ୍ତି ।

ନୂଆଦିଲ୍ଲୀରେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଇଞ୍ଜିନିୟର ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବର୍ତ୍ତିକା ଶୁକ୍ଲା ଏହା କହିଛନ୍ତି । ସେ କହିଛନ୍ତି ୨୦୧୮ ମସିହାରେ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ଆରମ୍ଭ ହୋଇଥିଲା । ଏ କ୍ଷେତ୍ରର ଅଂଶୀଦାରଙ୍କ ପରାମର୍ଶ ଆଧାରରେ ଏହାକୁ ସାର୍ବଜନୀନ କ୍ଷେତ୍ରରେ ବ୍ୟବହାର କରାଯାଉଛି ବୋଲି ସେ କହିଛନ୍ତି । ଗବେଷଣା ଆଧାରିତ ପ୍ରମାଣ, ଅଟୋମୋବାଇଲ ନିର୍ମାତା, ଅଟୋମୋବାଇଲ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ ଏବଂ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ ନିର୍ମାତାଙ୍କ ଦ୍ୱାରା ବ୍ୟାପକ ପରୀକ୍ଷଣ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଛନ୍ତି । ଏହା ଉପରେ ମତାମତ ଦେଇ ମାରୁତି ସୁଜୁକିର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ରାହୁଲ ଭାରତୀ କହିଛନ୍ତି କମ୍ପାନୀ ଆଭ୍ୟନ୍ତରୀଣ ଭାବରେ ଇ-୨୦ ଇନ୍ଧନ ବ୍ୟବହାର ନେଇ ପରୀକ୍ଷା କରିଛି ଏବଂ ଏଥିପାଇଁ ଚିନ୍ତାର କୌଣସି କାରଣ ରହିବା ଉଚିତ୍ ନୁହେଁ । ୨୦୨୩ ପରଠାରୁ ବିକ୍ରି ହୋଇଥିବା ସମସ୍ତ କାର୍ ସମ୍ପୂର୍ଣ୍ଣ ଭାବରେ ଇ-

୨୦ ବ୍ୟବହାରଯୋଗ୍ୟ ବୋଲି ସେ କହିଛନ୍ତି । ଏପରିକି ପୁରୁଣା ଇ-୧୦ ବ୍ୟବସ୍ଥିତ ଯାନ ଗୁଡ଼ିକରେ ଇ-୨୦ ଇନ୍ଧନ ସୁରକ୍ଷିତ ଭାବେ ବ୍ୟବହାର କରାଯାଇପାରେ ବୋଲି ସେ କହିଛନ୍ତି । ଏଥିରେ ବ୍ୟବହୃତ ହେଉଥିବା ଯାନର କୌଣସି କ୍ଷତି ହେବ ନାହିଁ ବୋଲି ଶ୍ରୀ ଭାରତୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଜେକେ-ପିଲିଗ୍ରୀମ୍ସ ରିଟର୍ଣ୍ଣ

'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରସଙ୍ଗ ଆଧାରରେ ସୋମନାଥ ସ୍ୱାଭିମାନ ଯାତ୍ରା ୨୦୨୬ରେ ଅଂଶଗ୍ରହଣ କରିଥିବା ଜାମ୍ମୁକାଶ୍ମୀରର ତୀର୍ଥଯାତ୍ରୀ ଦଳ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗୁଜୁରାଟକୁ ୬ଦିନିଆ ତୀର୍ଥଯାତ୍ରାର ସଫଳ ସମାପ୍ତି ପରେ ଏହି ଶ୍ରଦ୍ଧାଳୁ ଦଳ ଜାମ୍ମୁତାଇ ରେଳଷ୍ଟେସନରେ ପହଞ୍ଚିଛନ୍ତି । ତୀର୍ଥଯାତ୍ରା ଉପରେ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଖୁସି ଏବଂ ସନ୍ତୋଷବ୍ୟକ୍ତ କରିଛନ୍ତି । ଏହି ଯାତ୍ରା ସେମାନଙ୍କୁ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ କରିଥିବା ଶ୍ରଦ୍ଧାଳୁ କହିଛନ୍ତି । ଗୁଜୁରାଟ ସରକାର ଏବଂ ସେଠାକାର ଲୋକଙ୍କଦ୍ୱାରା ପ୍ରଦାନ କରାଯାଇଥିବା ଆତିଥ୍ୟକୁ ଶ୍ରଦ୍ଧାଳୁ ଉଚ୍ଚ ପ୍ରଶଂସା କରିଛନ୍ତି । ଜାମ୍ମୁକାଶ୍ମୀର ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ

ରାଜ୍ୟ କଳା, ସଂସ୍କୃତି ଓ ଭାଷା ଏକାଡେମୀ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଭଳି ପଦକ୍ଷେପ ସାଂସ୍କୃତିକ ବୁଝାମଣା ଜାତୀୟ ଏକତାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣକୁ ଅଧିକ ସଶକ୍ତ କରିଥିବା କୁହାଯାଉଛି ।

## କ୍ରିକେଟ୍

ମାଞ୍ଚେଷ୍ଟରର ପୁରୁଷବର୍ଗ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡ' ଭାରତକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୫ଟିକିଆ ସିରିଜ୍‌ର ଏହି ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୯୦ରନ୍ ସଂଗ୍ରହ କରିଥିଲା । ୧୯୧ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ୧୯ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଜାକବ ବେଥେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଲଟିଂହାମ୍‌ର ଟ୍ରେଣ୍ଟବ୍ରିଜ୍‌ଠାରେ ତୃତୀୟ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନଥିଲା । ଗତକାଲିର ମ୍ୟାଚ୍‌ରେ ବୈଭବ

ସୂର୍ଯ୍ୟବଂଶୀ ମାତ୍ର ୧୫ବର୍ଷ ୯୯ ଦିନରେ ଭାରତ ପକ୍ଷରୁ ଆନ୍ତର୍ଜାତିକ ମ୍ୟାଚ୍ ଖେଳି ରେକର୍ଡ ସୃଷ୍ଟି କରିଛନ୍ତି ।

## ଫିଫା-ଫୁଟବଲ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଫ୍ରାନ୍ସ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ରାଉଣ୍ଡ ୧୬ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ଫ୍ରାନ୍ସ ପାରାଗୁଏକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ମରକ୍କୋ ୩-୦ ଗୋଲ୍‌ରେ କାନାଡାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି ।